# କ୍ଷେତରେ ଜୈବିକ ସାର ବ୍ୟବହାର ସଚେତନତା ଶିବିର

କଣାସ ୧୦/୦୮/୨୦୨୧ କଳିଙ୍ଗ ଜ୍ୟୋତି(ବାୟାଧର ପରିଡା) : କୃଷକ ଭାରତୀ କୋପରେଟିଭ ଲିଃ ଭୁବନେଶ୍ୱର ଏବଂ କୃଷି ବିଜ୍ଞାନ କେନ୍ଦ୍ର ପୁରୀ ଙ୍କର ମିଳିତ ସହଯୋଗ ଏବଂ ବିଶ୍ୱ ଜୀବନ ସେବା ସଂଘ, ଖୋର୍ଦ୍ଧା ଦ୍ୱାରା ଆୟୋଜିତ କଣାସ ବ୍ଲକ ଅନ୍ତର୍ଗତ ଜାଗୁଳେଇପଦର ଗ୍ରାମରେ ଜମିରେ ଜୈବିକ ଖତ ବ୍ୟବହାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ରାସାୟନିକ ସାର ଏବଂ କୀଟନାଶକ ଔଷଧ ବ୍ୟବହାର କରିବା ଦ୍ୱାରା ଜମିର ମୃତ୍ତିକା ନଷ୍ଟ ହୋଇଯାଉଛି ଏବଂ ଉତ୍ପାଦିତ ଶସ୍ୟ ଏବଂ ପନିପରିବା ଖାଇବା ଦ୍ୱାରା ମଣିଷ ଶରୀର ରେ ବିଭିନ୍ନ ପ୍ରକାର ଦୁରାରୋଗ୍ୟ ସୃଷ୍ଟି ହେଉଛି। ଏହାର ମୁକାବିଲା ପାଇଁ ଚାଷୀଭାଇ ଭଉଣୀ ମାନେ ସଂଘଠିତ ଭାବରେ ଜୈବିକ ଖତର ବହୁଳ ବ୍ୟବହାର ନିମନ୍ତେ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ବାଡିବଗିଚାରେ ପନିପରିବା ଲଗାଇ ମହିଳା ମାନେ କିପରି



ଘରର ଆବଶ୍ୟକତା ପୂରଣ କରିପାରିବେ ସେ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ମତ୍ସ୍ୟଜିବି ଏବଂ ମତ୍ସ୍ୟ ଚାଷୀ ମାନଙ୍କ ନିମନ୍ତେ ବିଭିନ୍ନ ବିଭିନ୍ନ ପ୍ରକାର ଆଧୁନିକ ଜ୍ଞାନ କୌଶଳ ସହିତ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଥିଲା। ପାରମ୍ପରିକ ଚାଷ ସହିତ ଅଳ୍ପ ଖର୍ଚ୍ଚରେ ଅନ୍ୟ ଚାଷ କରି ଭଲ ରୋଜଗାର ପାଇଁ ମଧ୍ୟ ତାଲିମ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାଗୁଳେଇପଦର ଗ୍ରାମର ଶହେଜଣ ଚାଷୀ ଭାଇ ଭଉଣୀ ମାନେ ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଆମ୍ବ, ପିଜୁଳି ଓ ଅମୃତ ଭଣ୍ଡା ଚାରା ବଣ୍ଟନ କରାଯାଇଥିଲା। ଗ୍ରାମର ଚାଷୀ ସଂଗଠକ ଶ୍ରୀଯୁକ୍ତ ରଙ୍କନାଥ ବେହେରାଙ୍କ ଅଧକତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ, ବରିଷ୍ଠ ବୈଜ୍ଞାନିକ ଡା. ସୟ କୁମାର ମହାନ୍ତି, ମତ୍ସ୍ୟ ଉପଦେଷ୍ଟା, ଡା. ଅମ୍ବିକା ପ୍ରସାଦ ନାୟକ, ଗୃହ ବୈଜ୍ଞାନିକା କୁମାରୀ ସୋନିତା ସେଠି, କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ର ମୁଖ୍ୟ ଡା. ସବିତା ମିଶ୍ର, ବି. ସି. ବେହେରା, କ୍ରିଭକୋ କ୍ଷେତ୍ର ପରିଚାଳକ ପ୍ରିତିଶ କୁମାର ମିଶ୍ର, ସୌମ୍ୟ ରନ ତ୍ରିପାଠୀ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ଶ୍ରୀଯୁକ୍ତ ବୈଦ୍ୟନାଥ ବରାଳ ଏବଂ ଶ୍ରୀକ୍ଷେତ୍ର କୃଷି ଉତ୍ପାଦକ ସଂଗଠନର ରବୀନ୍ଦ୍ରନାଥ ରାଉତରାୟ ଏବଂ ରାଧାଶ୍ୟାମ ବିଶ୍ୱାଳଯୋଗଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ଗ୍ରାମ୍ୟ କମିଟି ସଭାପତି ରମେଶ ବେହେରା, ସମ୍ପାଦକ ବାବୁଲି ବେହେରା, ଭଜମନ ବେହେରା, ବସନ୍ତ ବେହେରା, ପଦ୍ମଲୋଚନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଗ୍ରଣୀ ମହିଳା ସଂଗଠିକା ଗୌରୀମଣି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉନ୍ନତ କୃଷି ପ୍ରଣାଳୀ ଉପରେ ସଚେତନତା




ବଳଙ୍ଗା, ୪।୮(ଆପ୍ର): ଲକ୍ଷ୍ମୀନୃସିଂହ ଜନ ସଶକ୍ତିକରଣ ସଂଗଠନ ତରବୋଇ ଶାସନ, ଭୁବନେଶ୍ୱର କେନ୍ଦ୍ରୀୟ କୃଷି କ୍ଷେତ୍ରୀୟ ମହିଳା ପ୍ରତିଷ୍ଠାନ ଓ ପୁରୀ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବୁଧବାର ବଳଙ୍ଗା ନିକଟ ବାଲିଘାଇସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟରେ ଏକ ଦଳିତ ମହିଳା କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ସିୱାର ବରିଷ୍ଠ କୃଷି ବୈଜ୍ଞାନିକ ଡା.ସଚ୍ଚିଦାନନ୍ଦ ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ପୁରୀ ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷ ବୈଜ୍ଞାନିକ ଡ. ସୁମିତ୍ରା ଆଚାର୍ଯ୍ୟ, ବୈଷୟିକ ସହାୟକ ପ୍ରଗତି କିଶୋର ରାଉତ, ବିରିଷ୍ଠ ଶିକ୍ଷକ ବାବାଜୀ ଚରଣ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ପୁରୀ ଜିଲ୍ଲାରେ ଛତୁଚାଷକୁ ଉନ୍ନତ ପ୍ରକ୍ରିୟାରେ କରିବା, ଏହାର ସଂରକ୍ଷଣ, ପ୍ରକ୍ରିୟାକରଣ ତଥା ଏହାକୁ ପାଉଡରରେ ରୂପାନ୍ତରିତ କରି ଉତ୍ତମ ବିପଣନ କରିବା ଉପରେ ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା କୃଷିଜୀବି ମହିଳାଙ୍କୁ ବୈଜ୍ଞାନିକ ଆଚାର୍ଯ୍ୟ ଛତୁଚାଷ ପ୍ରଦର୍ଶନ କରାଇବା ସହ ଉନ୍ନତ କିଷମ ଭଣ୍ଡା ଚାରା, ବାଇଗଣ ଚାରା, ଲଙ୍କା ଚାରା ବଣ୍ଟନ କରିଥିଲେ। ଅଧାପକ ପ୍ରଦୋଷ କୁମାର ପତି ସଭାପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦିକା ଗୌରୀପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୈବିକ ସାର ବ୍ୟବହାର ସଚେତନତା ଶିବିର

କଣାସ (ଆପ୍ର): କୃଷକ ଭାରତୀ କୋପରେଟିଭ ଲିଃ ଭୁବନେଶ୍ୱର ଏବଂ କୃଷି ବିଜ୍ଞାନ କେନ୍ଦ୍ର ପୁରୀର ମିଳିତ ସହଯୋଗ ଏବଂ ବିଶ୍ୱ ଜୀବନ ସେବା ସଂଘ, ଖୋର୍ଦ୍ଧା ଦ୍ୱାରା ଆୟୋଜିତ କଣାସ ବ୍ଲକ ଜାଗୁଲେଇପଦର ଗାଁରେ ଜମିରେ ଜୈବିକ ଖତ ବ୍ୟବହାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଧରି ରାସାୟନିକ ସାର ଏବଂ କୀଟନାଶକ ଔଷଧ ବ୍ୟବହାର କରିବା ଦ୍ୱାରା ଜମିର ମୃର୍ତ୍ତିକା ନଷ୍ଟ ହୋଇଯାଉଛି ଏବଂ ଉତ୍ପାଦିତ ଶସ୍ୟ ଏବଂ ପନିପରିବା ଖାଇବା ଦ୍ୱାରା ମଣିଷ ଶରୀରରେ ବିଭିନ୍ନ ପ୍ରକାର ଦୂରାରୋଗ୍ୟ ସୃଷ୍ଟି ହେଉଛି । ଏହାର ମୁକାବିଲା ପାଇଁ ଚାଷୀ ଭାଇ ଭଉଣୀମାନେ ସଂଘଠିତ ଭାବରେ ଜୈବିକ ଖତର ବହୁଳ ବ୍ୟବହାର ନିମନ୍ତେ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜାଗୁଲେଇପଦର ଗାଁର ଶତାଧିକ ଚାଷୀ ଭାଇ ଭଉଣୀ ଅଂଶଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଚାରା ବଣ୍ଟନ କରାଯାଇଥିଲା । ଗାଁର ଚାଷୀ ସଂଗଠକ ରଙ୍କନାଥ ବେହେରାଙ୍କ ଅଧ୍ୟକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ, ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ ମହାନ୍ତି, ମତ୍ସ୍ୟ ଉପଦେଷ୍ଟା ଡ. ଅମ୍ବିକା ପ୍ରସାଦ ନାୟକ, ଗୃହ ବୈଜ୍ଞାନିକା ସୋନିତା ସେଠୀ, କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ମୁଖ୍ୟ ଡ. ସବିତା ମିଶ୍ର, ବିସି ବେହେରା, କ୍ରିଭକୋ କ୍ଷେତ୍ର ପରିଚାଳକ ପ୍ରୀତିଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।